# ସତ୍ୟବାକ୍ୟ

# THE WORD OF TRUTH

MAY & JUNE 2019

An Oriya Bimonthly Bulletin published by the
**CHURCH OF CHRIST**

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-25. May & June 2019. No-3**

*Published every two months in **Oriya** language for the Restoration of the pure New Testament Christianity*

*Write for free Bible Correspondence course*

*in*

*Telugu & Oriya to :*

**The Director**

Bible Correspondence Course

P.O.Box. 80, KAKINADA - 533 001. A.P.

# ସତ୍ୟବାଣୀ
# VOICE OF TRUTH

**VOL - XXV  KAKINADA  MAY-JUN-2019**

## ପରମେଶ୍ୱରଙ୍କ ପବିତ୍ରତା
## (The Holiness of God)

'ପବିତ୍ରତା' ପରମେଶ୍ୱରଙ୍କ ବ୍ୟକ୍ତିତ୍ୱର ଏକ ଅଂଶ । ପୁରତାନ ନିୟମରେ ପରମେଶ୍ୱରଙ୍କ ପବିତ୍ରତା ବିଷୟରେ ବିଶେଷଭାବେ ପ୍ରାଧାନ୍ୟତା ଦିଆଯାଏ । ଉଷିୟ ରାଜା ମୃତ୍ୟୁବରଣ କରିବା ବର୍ଷରେ ଭାବବାଦୀ ଯିଶାଇୟ, ସେ "ପ୍ରଭୁଙ୍କୁ ଏକ ଉଚ୍ଚ ଓ ଉନ୍ନତ ସିଂହାସନରେ ଉପବିଷ୍ଟ" ଦେଖିଲେ । "ତାହାଙ୍କ ନିକଟରେ ସରାଫଗଣ ଠିଆ ହେଲେ, ସେ ପ୍ରତ୍ୟେକର ଛଅ ଛଅ ପକ୍ଷ ଥିଲା, ପ୍ରତ୍ୟେକ ଦୁଇ ପକ୍ଷରେ ଆପଣା ଆପଣା ମୁଖ ଆଚ୍ଛାଦନ କଲେ, ଦୁଇ ପକ୍ଷରେ ଚରଣ ଆଚ୍ଛାଦନ କଲେ ଓ ଦୁଇ ପକ୍ଷରେ ଉଡିଲେ । ଆଉ, ସେମାନେ ପରସ୍ପର ଡାକି କହିଲେ, ସୈନ୍ୟାଧିପତି ସଦାପ୍ରଭୁ ଧର୍ମମୟ, ଧର୍ମମୟ, ସମୁଦାୟ ପୃଥିବୀ ତାହାଙ୍କ ମହିମାରେ ପରିପୂର୍ଣ୍ଣ ।" (ଯିଶାଇୟ ୬:୩, ପ୍ରକାଶିତ ବାକ୍ୟ ୪:୮-୧୧) । ବିଜାତୀୟ ଦେବଗଣ ସୌନ୍ଦର୍ଯ୍ୟ ବିହୀନ । କିନ୍ତୁ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଗୌରବମୟ, ଧର୍ମମୟ ଓ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ।

ତାହାଙ୍କ ସୌନ୍ଦର୍ଯ୍ୟତା ବିଷୟରେ ରାଜା ଦାଉଦ ବର୍ଣ୍ଣନା କରି ଲେଖନ୍ତି, "ମୁଁ ସଦାପ୍ରଭୁଙ୍କ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଓ ତାହାଙ୍କ ମନ୍ଦିରରେ ଅନୁସନ୍ଧାନ କରିବା ପାଇଁ ଯେପରି ଯାବଜ୍ଜୀବନ ସଦାପ୍ରଭୁଙ୍କଗୃହରେ ବାସ କରିବି ।" (ଗୀତ ୨୭:୪) । ସେ ସୌନ୍ଦର୍ଯ୍ୟର ସିଦ୍ଧ ଅଟନ୍ତି । "ସୌନ୍ଦର୍ଯ୍ୟର ସିଦ୍ଧସ୍ୱରୂପ ସିୟୋନଠାରୁ ପରମେଶ୍ୱର ପ୍ରକାଶିତ ହୋଇ ଅଛନ୍ତି ।" (ଗୀତ ୫୦:୨) ॥ ମୋଶାଙ୍କ ରଚିତ ପଦ୍ୟରୂପ ପ୍ରାର୍ଥନାରେ ସେ କହନ୍ତି, "ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କର ସୌନ୍ଦର୍ଯ୍ୟ ଆମ୍ଭମାନଙ୍କ ଉପରେ ଅଧିଷ୍ଠାନ କରୁ ।" (ଗୀତ ୯୦:୧୭) ॥

ସଦାପ୍ରଭୁ ପରମେଶ୍ୱରଙ୍କ ସୌନ୍ଦର୍ଯ୍ୟର ରହସ୍ୟତା କଅଣ ? ତାହାଙ୍କ ପବିତ୍ରତା । ରାଜା ଯିହୋଶାଫଟଙ୍କ ନିଯୁକ୍ତ ଲେବୀ ଗାୟକମାନେ ଗାଇଲେ, "ସଦାପ୍ରଭୁ ନାମର

ଯଥୋଚିତ ଗୌରବ କୀର୍ତ୍ତନ କର, ନୈବେଦ୍ୟ ଆଣ ଓ ତାହାଙ୍କ ଛାମୁକୁ ଆସ, ପବିତ୍ରତାର ସୌନ୍ଦର୍ଯ୍ୟରେ ସଦାପ୍ରଭୁଙ୍କର ଭଜନା କର ।" (୨ୟ ବଂଶାବଳୀ ୨୦:୨୦-୨୧, ୧ମ ବଂଶାବଳୀ ୧୬:୨୯, ଗୀତ ୨୯:୨, ୯୬:୯) ।

ଚାରି ଶହ ବର୍ଷ ଦାସତ୍ୱରୁ ଇଶ୍ରାଏଲ ମୁକ୍ତ ହେବା ପରେ, ତାହାଙ୍କ ଭାବବାଦୀ ସଦାପ୍ରଭୁଙ୍କ ଗୁଣଗାନ କରି ଗାଇଲେ, "ହେ ସଦାପ୍ରଭୁ ଦେବଗଣ ମଧ୍ୟରେ ତୁଲ୍ୟ କିଏ ? ତୁମ୍ଭ ସମାନ ପବିତ୍ରତାରେ ଆଦରଣୀୟ, ପ୍ରଶଂସାରେ ଭୟାନକ ଓ ଆଶ୍ଚର୍ଯ୍ୟକାରୀ କିଏ ?" (ଯାତ୍ରା ୧୫:୧୧) । ତାହାଙ୍କ ସମତୁଲ୍ୟ କିଏ ପ୍ରଶ୍ନର ଉତ୍ତର ଯିରିମିୟ ଭାବବାଦୀଙ୍କ ପୁସ୍ତକରେ ପାଇପାରୁ, "ସେ ସଦାପ୍ରଭୁ, ତୁମ୍ଭ ତୁଲ୍ୟ କେହି ନାହିଁ, ତୁମ୍ଭେ ମହାନ, ଓ ପରାକ୍ରମରେ ତୁମ୍ଭର ନାମ ମହତ ।" (୧୦:୬) ।

ପ୍ରେରିତ ଯୋହନ ନୂତନ ନିୟମରେ, ଦିନେ ଆମ୍ଭେମାନେ ମଧ୍ୟ ସେହି ସୌନ୍ଦର୍ଯ୍ୟର ସହଭାଗୀ ହେବା ବୋଲି ଆପଣା ଆପଣା ପତ୍ରରେ, ଲେଖନ୍ତି । "ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁଁ । ଆଉ ଆମ୍ଭେମାନେ କଅଣ ହେବା, ତାହା ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ । ଆମ୍ଭେମାନେ ଜାଣୁ, ସେ ଯେତେବେଳେ ପ୍ରକାଶିତ ହେବେ, ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ୍ୟ ହେବା, କାରଣ ସେ ଯେପରି, ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା ।" (୧ମ ଯୋହନ ୩:୨) ।

ଆମ୍ଭେମାନେ ଯେତେବେଳେ ସତ୍ୟ ପରମେଶ୍ୱରଙ୍କର ସନ୍ଧାନ ପାଉ, ତାହାଙ୍କ ଗୁଣଗାନ ନକରି ରହି ନପାରୁ । ତାହାଙ୍କ ସ୍ୱଷ୍ଟ, ସୁନ୍ଦର ସୃଷ୍ଟି ଆମ୍ଭମାନଙ୍କୁ ମନ୍ତ୍ରମୁଗ୍ଧ କରେ । ଯେଉଁମାନେ ସଦାପ୍ରଭୁଙ୍କ ସନ୍ଧାନ ପାଇ ଅଛନ୍ତି , ସେମାନେ, "... ସଦାପ୍ରଭୁ ମହାନ ଓ ଅତ୍ୟନ୍ତ ପ୍ରଶଂସନୀୟ ଅଟନ୍ତି, ମଧ୍ୟ ସେ ସକଳ ଦେବତା ଅପେକ୍ଷା ଭୟଯୋଗ୍ୟ ।" (୧ମ ବଂଶାବଳୀ ୧୬:୨୫) । ଦାଉଦଙ୍କ ଏହି କୀର୍ତ୍ତନରେ ସମ୍ମତ ଅଟନ୍ତି । ତାହାଙ୍କ ସଦଭକ୍ତମାନ ତାହାଙ୍କୁ ନିତ୍ୟ ପ୍ରଶଂସା ଗାନ କରନ୍ତି, "ସିୟୋନ ନିବାସୀ, ସଦାପ୍ରଭୁଙ୍କର ପ୍ରଶଂସା ଗାନ କର, ଗୋଷ୍ଠୀୟମାନଙ୍କ ମଧ୍ୟରେ ତାହାଙ୍କର କ୍ରିୟା ସବୁ ପ୍ରଚାର କର ।" (ଗୀତ ୯:୧୧, ୩୩:୨, ୬୭:୩, ଏବ୍ରୀ ୧୩:୧୫) ।

## ତାହାଙ୍କ ପବିତ୍ରତାର ବିଶେଷତା :-

ହାନ୍ନା ସଦାପ୍ରଭୁଙ୍କ ପ୍ରଶଂସା କରି ଗାଇଲେ, "ସଦାପ୍ରଭୁଙ୍କ ତୁଲ୍ୟ ପବିତ୍ର ଆଉ କେହି ନାହିଁ, ଯେହେତୁ ତୁମ୍ଭ ଭିନ୍ନ ଆଉ କେହି ନାହିଁ, କିଅବା ଆମ୍ଭମାନଙ୍କ ପରମେଶ୍ୱରଙ୍କ ତୁଲ୍ୟ କୌଣସି ଶୈଳ ନାହିଁ ।" (୧ମ ଶାମୁୟେଲ ୨:୨) । "ହେ ଯୀଶୁରୁଣ, ପରମେଶ୍ୱରଙ୍କ ତୁଲ୍ୟ କେହି ନାହିଁ, ସେ ତୁମ୍ଭ ଉପକାରାର୍ଥେ ଆକାଶ ମଣ୍ଡଳରେ ଓ ନିଜ

ଗୌରବରେ ଗଗନ ମଣ୍ଡଳରେ ଓ ନିଜ ଗୌରବରେ ଗଗନ ମଣ୍ଡଳରେ ଆରୋହଣ କରି ଗମନ କରନ୍ତି ।" (ଦ୍ୱି.ବି. ୩୩:୨୬, ଗୀତ ୮୬:୮ ଓ ଯିଶାଇୟ ୪୦:୧୮,୨୫, ୪୩ଛ୧୧-୧୩) । ସଦାପ୍ରଭୁ ପରମେଶ୍ୱର ଏକମାତ୍ର ପରମେଶ୍ୱର ଅଟନ୍ତି ଯେ କି ସ୍ୱାଭାବିକ ଭାବେ ପବିତ୍ର ଅଟନ୍ତି । ସେ 'ପବିତ୍ରୀକୃତ' ହେଲେ ବୋଲି ବାଇବଲରେ ଲିଖିତ ହୋଇନାହିଁ । 'ପବିତ୍ରତା' ସେ ଲାଭିକୃତ କିଅବା ହରାଇବାରେ ପ୍ରଶ୍ନ ନାହିଁ । କିନ୍ତୁ ସେ ହିଁ ପବିତ୍ରତାର ମୂର୍ତ୍ତି ଅଟନ୍ତି । ସେ ମନ୍ଦତାରେ ପରୀକ୍ଷିତ ହୁଅନ୍ତି ନାହିଁ । ସେ ଏକମାତ୍ର ପରମେଶ୍ୱର ଯେ କି ପବିତ୍ର ଅଟନ୍ତି ।

## ସେ ସଂପୂର୍ଣ୍ଣଭାବେ ପବିତ୍ର ଅଟନ୍ତି :-

ପ୍ରେରିତ ଯୋହନ ଲେଖନ୍ତି, "... ଈଶ୍ୱର ଜ୍ୟୋତି ସ୍ୱରୂପ, ଆଉ ତାହାଙ୍କ ଠାରେ ଅନ୍ଧକାରର ଲେଶ ନାହିଁ ।" (୧ମ ଯୋହନ) ପରମେଶ୍ୱର ସିଦ୍ଧ ଅଟନ୍ତି, ଅପବିତ୍ରତାର ଲେଶ ମଧ୍ୟ ନାହିଁ । ତାହାଙ୍କ ସ୍ୱଭାବରେ କୌଣସି ବିପରୀତ ଭାବ ନାହିଁ । ଯାହା ଉତ୍ତମ ଜାଣି, ଦୁଷ୍କର୍ମ କରି ପାରନ୍ତି ନାହିଁ । ତାହାଙ୍କ କାର୍ଯ୍ୟ ସକଳ ନ୍ୟାୟଗତ । ତାହାଙ୍କ ବାକ୍ୟ ସକଳ ସତ୍ୟ । (ତିତ-୧:୧-୨) । ମନୁଷ୍ୟ ପବିତ୍ରତା ଲାଭ କରିପାରେ ନାହିଁ, କିନ୍ତୁ ପରମେଶ୍ୱର ସଂପୂର୍ଣ୍ଣଭାବେ ପବିତ୍ର ଅଟନ୍ତି । ତାହାଙ୍କ ପବିତ୍ରତା ଅସୀମ, ମନୁଷ୍ୟ କେବଳ ସୀମିତଭାବେ ପବିତ୍ରତା ଲାଭ କରିପାରେ । ସେ ସର୍ବାନ୍ତଃକରଣ ସହ ପବିତ୍ର ଅଟନ୍ତି । ଆମ୍ଭେମାନେ ତାହାଙ୍କ ସହିତ ଯୋଗାଯୋଗ ଦ୍ୱାରା ପବିତ୍ରତା ଲାଭ କରିପାରୁ । ଆମ୍ଭମାନଙ୍କ ପବିତ୍ରତାରେ ପବିତ୍ରତାରେ ପରିବର୍ତ୍ତନ ଆସିପାରେ, କିନ୍ତୁ ପରମେଶ୍ୱର ଅପରବର୍ତ୍ତନୀୟ ଅଟନ୍ତି । (ଯାକୁବ ୧:୧୭) ।

## ତାହାଙ୍କ ପବିତ୍ରତା ପ୍ରାବଲ୍ୟଜନକ :-

ସଦାପ୍ରଭୁଙ୍କ ପବିତ୍ରତା ପ୍ରବଳ । ସେ ଦୁଷ୍ଟତା ସହ୍ୟ କରନ୍ତି ନାହିଁ । ରାଜା ଦାଉଦ ଗାଆନ୍ତି, "... ତୁମ୍ଭେ ଦୁଷ୍ଟତାରେ ସନ୍ତୁଷ୍ଟ ପରମେଶ୍ୱର ନୁହଁ, ମନ୍ଦ ତୁମ୍ଭ ସଙ୍ଗେ ପ୍ରବାସ କରିବ ନାହିଁ ।" (ଗୀତ ୫:୪) । "ତୁମ୍ଭେ ତ ଏତେ ନିର୍ମଳ ଚକ୍ଷୁ ଯେ, ମନ୍ଦ ଦେଖି ନପାର ଓ ତୁମ୍ଭେ କୁଟିଳାଚରଣ ପ୍ରତି ଦୃଷ୍ଟି କରି ନପାର, ... ।" (ହବକ୍କୂକ ୧:୧୩) । "ପରମେଶ୍ୱର ମନୁଷ୍ୟ ନୁହନ୍ତି ଯେ, ସେ ମିଥ୍ୟା କହିବେ, କିଅବା ସେ ମନୁଷ୍ୟର ସନ୍ତାନ ନୁହନ୍ତି ଯେ, ଅନୁତାପ କରିବେ, ସେ କହି ଅଛନ୍ତି, ଆଉ ସେ କି ତାହା କରିବେ ନାହିଁ, ସେ କହି ଅଛନ୍ତି, ତାହା କି ସିଦ୍ଧ କରିବେ ନାହିଁ ।" (ଗଣନା ୨୩:୧୯) ।

❋❋❋

# ଆପଣଙ୍କ ପ୍ରତି ପରମେଶ୍ୱରଙ୍କ ଇଚ୍ଛା
## (God's desire for you)

ଖ୍ରୀଷ୍ଟଙ୍କ ପ୍ରତ୍ୟେକ ଶିଷ୍ୟ, ଖ୍ରୀଷ୍ଟଙ୍କ ସଦୃଶ୍ୟ ଆତ୍ମିକତାରେ ପରିପକ୍ୱ ହେବାକୁ ସଦାପ୍ରଭୁ ଇଚ୍ଛା କରନ୍ତି । ଅନେକେ ଅନେକ ବର୍ଷଧରି ଖ୍ରୀଷ୍ଟିୟାନ ହେଲେ ପରିପକ୍ୱାବସ୍ଥା ପ୍ରାପ୍ତ ହୋଇ ନାହାନ୍ତି । କେତେକ ବ୍ୟକ୍ତି ଏହି ଜଗତରେ ଅଛନ୍ତି, ଯେଉଁମାନେ ସ୍ୱଳ୍ପ ସମୟ ମଧ୍ୟରେ ପରିପକ୍ୱାବସ୍ଥା ପ୍ରାପ୍ତ ହୋଇ ଅଛନ୍ତି । ଈଶ୍ୱରଙ୍କ ବାକ୍ୟରେ ପରିପକ୍ୱ ଖ୍ରୀଷ୍ଟିୟାନ ବିଷୟରେ କୁହାଯାଏ :-

### ଶାରୀରିକ ନୁହନ୍ତି :-

"ହେ ଭାଇମାନେ, ମୁଁ ଆତ୍ମିକମନା ଲୋକଙ୍କୁ କହିଲା ପରି ତୁମ୍ଭମାନଙ୍କୁ କହି ପାରିଲି ନାହିଁ, କିନ୍ତୁ ଶାରୀରିକ ଲୋକମାନଙ୍କୁ ଓ ଖ୍ରୀଷ୍ଟଙ୍କଠାରେ ଶିଶୁମାନଙ୍କ କହିଲା ପରି ତୁମ୍ଭମାନଙ୍କ କହିଲା, ମୁଁ ତୁମ୍ଭମାନଙ୍କୁ ଦୁଗ୍ଧ ପାନ କରାଇ ଅନ୍ୟ ଖାଦ୍ୟ ଦେଲି ନାହିଁ, କାରଣ ତୁମ୍ଭେମାନେ ତାହା ଗ୍ରହଣ କରିବାକୁ ସମର୍ଥ ନଥିଲ, ଆଉ ଏବେ ମଧ୍ୟ ସମର୍ଥ ହୋଇନାହିଁ । ଯେଣୁ, ଏ ପର୍ଯ୍ୟନ୍ତ ତୁମ୍ଭେମାନେ ଶାରୀରିକ ଅଟ । କାରଣ ଯେତେବେଳେ ତୁମ୍ଭମାନଙ୍କ ମଧ୍ୟରେ ଈର୍ଷା ଓ ବିବାଦ ରହିଅଛି, ତୁମ୍ଭେମାନେ କି ଶାରୀରିକ ନୁହଁ ? ଓ ମନୁଷ୍ୟର ସ୍ୱଭାବ ଅନୁସାରେ କି ଆଚରଣ କରୁ ନାହଁ ?" (୧ମ କରିନ୍ଥୀ ୩:୧-୩) ।

ସେମାନଙ୍କ ପରସ୍ପର ମଧ୍ୟରେ ବିବାଦ ନଥାଏ । "ପ୍ରଭୁଙ୍କଠାରେ ଏକମନା ହେବା ନିମନ୍ତେ ମୁଁ ଇଉଦିଆ ଓ ସନ୍ତୁଖୀ ଉଭୟଙ୍କୁ ଅନୁରୋଧ କରୁଅଛି । ପୁଣି, ହେ ପ୍ରକୃତ ସହକାରୀ, ଏହି ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ତୁମ୍ଭକୁ ମଧ୍ୟ ନିବେଦନ କରୁଅଛି, କାରଣ ଏମାନେ କ୍ଲେମେନ୍ସ ଓ ମୋହର ଅନ୍ୟ ସହକର୍ମୀମାନଙ୍କରେ ସୁସମାଚାର କାର୍ଯ୍ୟରେ ମୋ ସହିତ ପରିଶ୍ରମ କରି ଅଛନ୍ତି । ସେହି ସହକର୍ମୀମାନଙ୍କର ନାମ ଜୀବନ ପୁସ୍ତକରେ ଅଛି ।" (ଫିଲିପ ୪:୨-୩) । ଏହି ମହିଳା ଦ୍ୱୟ ସୁସମାଚାର କାର୍ଯ୍ୟରେ ତାହାଙ୍କ ସହକର୍ମୀ ଥିଲେ । ସେମାନଙ୍କୁ ପାଉଲ ଏକମନା ହେବା ନିମନ୍ତେ ଅନୁରୋଧ କରନ୍ତି । ଏହା ପରିପକ୍ୱ ଅବସ୍ଥାରେ ଗୁଣ ।

ପରିପକ୍ୱ ଖ୍ରୀଷ୍ଟିୟାମାନେ ଧାର୍ମିକତାର ବଶୀଭୂତ । ଧାର୍ମିକତା ଯାହା କି ପବିତ୍ରତା ଘେନିଯାଏ । (ରୋମୀୟ ୬:୧୯) । ସେମାନେ ଦୁଷ୍ଟତା ଅନୁସରଣ କରନ୍ତି ନାହିଁ । ସେମାନେ ପରନିନ୍ଦା ସେମାନ ସ୍ୱନୀତିପର ନୁହନ୍ତି । ସେମାନେ, "... ଶିଶୁ ପରି ନ

ହୋଇ ମନୁଷ୍ୟମାନଙ୍କ ଶଠତା ଭ୍ରାନ୍ତିଯୁକ୍ତ କଳ୍ପନା ଅନୁସାରେ ଧୂର୍ତ୍ତତା ଦ୍ୱାରା ବିଭିନ୍ନ ଶିକ୍ଷାରୂପ ବାୟୁରେ ଇତସ୍ତତଃ ଚାଳିତ...ହୁଅନ୍ତି ନାହିଁ ।" (ଏଫିସୀ ୪:୧୪) ।

ପରିପକ୍ୱ ଖ୍ରୀଷ୍ଟିୟାନମାନେ, ଖ୍ରୀଷ୍ଟଙ୍କ ମହିମା, ତାହାଙ୍କ ସୁସମାଚାର ପ୍ରଚାର କରନ୍ତି । ଅନେକ ଦୁଃଖକଷ୍ଟ ସହି ଆପଣା ଆପଣାକୁ ପବିତ୍ର କରି ଖ୍ରୀଷ୍ଟଙ୍କ ଦକ୍ଷିଣପାର୍ଶ୍ୱରେ ସ୍ଥାନ ପାଇବାରେ ସୁଯୋଗ ପାଆନ୍ତି । "ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି । ଆଉ ଯଦି ସନ୍ତାନ ତେବେ ଉତ୍ତରାଧିକାରୀ, ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବବାନ୍ୱିତ ମଧ୍ୟ ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ସଙ୍ଗରେ ଦୁଃଖଭୋଗ କରୁ, ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହଉତ୍ତରାଧିକାରୀ ଅଟୁଁ । କାରଣ ମୋ ବିଚାରରେ ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ । ତାହା ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖଭୋଗ କିଛି ହିଁ ନୁହେଁ ।" (ରୋମୀୟ ୬:୧୬-୧୮) । "ଦେଖ, ପିତା ଆମ୍ଭମାନଙ୍କୁ କି ପ୍ରକାର ପ୍ରେମ ଦାନ କରି ଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେଉ, ଆଉ ଆମ୍ଭେମାନେ ତାହା ଅଟୁଁ । ଏଥିସକାଶେ ଜଗତ ଆମ୍ଭମାନଙ୍କୁ ଚିହ୍ନୁ ନାହିଁ, କାରଣ ତାହା ତାହାଙ୍କୁ ଚିହ୍ନି ନଥିଲେ । ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁଁ, ଆଉ ଆମ୍ଭେମାନେ କଅଣ ହେବା ତାହା ଏ ପର୍ଯ୍ୟନ୍ତ ପ୍ରକାଶିତ ହେଇ ନାହିଁ । ଆମ୍ଭେମାନେ ଜାଣୁ ଯେ, ସେ ଯେତେବେଳେ ପ୍ରକାଶିତ ହେବେ । ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ୍ୟ ହେବା, କାରଣ ସେ ଯେପରି ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା । ଆଉ ଯେ କେହି ତାହାଙ୍କଠାରେ ଏହି ଭରସା ସ୍ଥାପନ କରିଅଛି, ସେ ଯେପରି ପବିତ୍ର ଅଟନ୍ତି, ସେ ସେହିପରି ଆପଣାକୁ ପବିତ୍ର କରେ ।" (୧ମ ଯୋହନ ୩:୧-୩) ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ, ତାହାଙ୍କ ପୁତ୍ରଙ୍କୁ ସାଦୃଶ୍ୟରେ ଧିରେ ଧିରେ ପରିବର୍ତ୍ତିତ ହେବା ପିତା ପରମେଶ୍ୱର ଇଚ୍ଛା କରନ୍ତି ।

**- Shyammi Das**

❋❋❋

# ମାତୃତ୍ୱ
## (Motherhood)

"ଆଉ ସଦାପ୍ରଭୁ ପରମେଶ୍ୱର ଆଦମଙ୍କଠାରୁ ଯେଉଁ ଖଞ୍ଜାର ଖଣ୍ଡିକ ନେଲେ, ତଦ୍ୱାରା ଏକ ସ୍ତ୍ରୀ ନିର୍ମାଣ କରି ଆଦମ ନିକଟକୁ ଆଣିଲେ ।" (ଆଦି ୨:୨୨) । "ଆଉ ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କଲେ, ପୁଣି ପରମେଶ୍ୱରଙ୍କୁ କହିଲେ, ପ୍ରଜାବନ୍ତ ଓ ବହୁବଂଶ ହୁଅ, ପୁଣି ପୃଥିବୀକି ପରିପୂର୍ଣ୍ଣ କରି ବଶୀଭୂତ କର, ଆଉ ମତ୍ସ୍ୟଗଣ ଓ ଖେଚର ପକ୍ଷୀଗଣ ଓ ଭୂଚର ଉରୋଗାମୀ ଜନ୍ତୁଗଣ ଉପରେ କର୍ତ୍ତୃତ୍ୱ କର ।" (ଆଦି ୧:୨୮) ।

ଆଜି ଆମ୍ଭେମାନେ ପ୍ରତ୍ୟେକ ଜାଣୁ ଯେ, ମାତାମାନେ ମନୁଷ୍ୟର ଅଭିନ୍ନ ଅଂଶ । ଆମ୍ଭମାନଙ୍କ ମଧ୍ୟରୁ କେହିଁ ମଧ୍ୟ ମାତାମାନଙ୍କ ଋଣ ସୁଝି ନପାରୁ । ଆସ ଆମ୍ଭେମାନେ ସେମାନଙ୍କୁ ଗୌରବ ଦେଉଁ ।

## ମାତୃତ୍ୱ, ପରମେଶ୍ୱରଙ୍କ ଠାରୁ ଦାନ :-

"... ଗର୍ଭଜାତ ଫଳ ତାହାଙ୍କ ଦତ୍ତ ପୁରସ୍କାର ।" (ଗୀତ ୧୨୭:୩) । ସୃଷ୍ଟିକର୍ତ୍ତା ପରମେଶ୍ୱର ମନୁଷ୍ୟମାନଙ୍କର ସଂରକ୍ଷଣ ନିମନ୍ତେ ମାତାମାନଙ୍କୁ ଭାର ଦେଇଅଛନ୍ତି । ଏହି କର୍ତ୍ତବ୍ୟ ନିଭାଇବା ନିମନ୍ତେ ପରମେଶ୍ୱରଙ୍କ ସ୍ତ୍ରୀକୁ ଶାରୀରିକ ଓ ମାନସିକଭାବେ ସକ୍ଷମ କରି ସୃଷ୍ଟି କରିଅଛନ୍ତି । ସେ ଗର୍ଭଧାରଣ କରି ସନ୍ତାନ ପ୍ରସବ କରେ ଓ ସ୍ନେହରେ ଲାଳନପାଳନ କରେ ।

ମାତୃତ୍ୱ ଏକ ପବିତ୍ର ସୌଭାଗ୍ୟ ଓ ସୁଯୋଗ । ସଦାପ୍ରଭୁ ପରମେଶ୍ୱରଙ୍କ ସହ ମିଳି, ଅନନ୍ତକାଳ ଜୀବି ମନୁଷ୍ୟ ନିର୍ମାଣ କରିବା କେତେ ସୌଭାଗ୍ୟର ବିଷୟ । ଜଗତର ପ୍ରଥମ ମାତା ହବା, ଆପଣା ପ୍ରଥମ ପୁତ୍ର ଜନ୍ମ କରି କହିଥିଲେ, "ସଦାପ୍ରଭୁଙ୍କ ସାହାଯ୍ୟରେ ମୋହର ଏକ ନର ଲାଭ ହୋଇଅଛି ।" (ଆଦି ୪:୧) । ଏହି ଯୀଶୁ କହିଲେ, "ସବୁ ଆନନ୍ଦଠାରୁ ବଳି ମାତୃତ୍ୱର ଆନନ୍ଦ । ଏକ ସମୟରେ କିନ୍ତୁ ସେ ସନ୍ତାନ ପ୍ରବସ କଲା ଉତ୍ତାରେ ଜଗତରେ ଜଣେ ମାନବ ଜନ୍ମ ଗ୍ରହଣ କଲା, ଏହି ଆନନ୍ଦ ଯୋଗୁଁ ଆଉ କଷ୍ଟ ସ୍ମରଣ କରେ ନାହିଁ ।" (ଯୋହନ ୧୬:୨୧) ।

ଏକ ନାରୀ ନିମନ୍ତେ ମାତା ହେବାଠାରୁ ଅଧିକ ସନ୍ତୋଷଜନକ ବିଷୟ କଅଣ ଅଛି ? ବିବାହ ପବିତ୍ର ବନ୍ଧନରେ ଜାତ ସନ୍ତାନ, ନାରୀ ନିମନ୍ତେ ଗୌରବର କାରଣ । ପାଉଲ କହନ୍ତି, "ଅତଏବ ମୋହର ଇଚ୍ଛା, ଯୁବତୀ ବିଧବାମାନେ ବିବାହ କରନ୍ତୁ, ଗୃହକାର୍ଯ୍ୟ ପରିଚାଳନା କରନ୍ତୁ, ନିନ୍ଦା କରିବା ପାଇଁ ଶତ୍ରୁକୁ କୌଣସି ସୁଯୋଗ ନ

ଦେଉନ୍ତୁ।" (୧ମ ତୀମଥି ୫:୧୪)। ଏତଦ୍ୱାରା ପରମେଶ୍ୱର "ପ୍ରଜାବନ୍ତ ଓ ବହୁବଂଶ" ହୁଅ ବୋଲି ସଦାପ୍ରଭୁଙ୍କ ଆଶୀର୍ବାଦ ସଫଳ ହୁଏ। ପ୍ରତ୍ୟେକ ପଶୁ, ପ୍ରତ୍ୟେକ ପକ୍ଷୀ ଆପଣା ଆପଣା ସନ୍ତାନମାନଙ୍କ ଯତ୍ନ ନିଏ, ଆବଶ୍ୟକ ପଡିଲେ ପ୍ରାଣ ଦିଏ। କିନ୍ତୁ କେତେକ ଆଧୁନିକ ମାତାମାନେ, ଆପଣା ଗର୍ଭରେ ଥିବା ଶିଶୁ ହତ୍ୟା କରନ୍ତି, କେତେ ଦୁଃଖର ବିଷୟ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ କରୁଣା ହୃଦୟୀ ହୋଇ ବିଧବାମାନଙ୍କ ଦୁଃଖୀ ମାତାମାନଙ୍କ ସାହାଯ୍ୟ କରି, ସେମାନଙ୍କ ଭାର ବହନ କରିବା ଆବଶ୍ୟକ। (କଲସୀ ୩:୧୨, ଗାଲାତୀ ୬:୨)। ମଣ୍ଡଳୀ ସଭ୍ୟମାନେ ମଧ୍ୟ ଏପରି ମାତାମାନଙ୍କ ସାହାଯ୍ୟ କରିବା ଆବଶ୍ୟକ।

**- True Word**

❋❋❋

# ଏକ ଧନବାନ୍ ଯୁବ ଅଧ୍ୟକ୍ଷ

## (The Rich Young Ruler)

ମାଥିଉ ୧୯, ମାର୍କ ୧୦ ଓ ଲୂକ ୧୮ ଅଧ୍ୟାୟ ଗୁଡିକରେ ଏକ ଧନବାନ ଅଧ୍ୟକ୍ଷ ଓ ପରିତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ କଥୋପକଥନ ବର୍ଣ୍ଣନା କରାଯାଏ। ଏହି ତିନି ସୁସମାଚାରରୁ ଆମ୍ଭେମାନେ ସେ ଜଣେ ଧନବାନ, ସେ ଏକ ଯୁବକ ଏକ ଅଧ୍ୟକ୍ଷ, ଓ ଅନନ୍ତଜୀବନ ପ୍ରାପ୍ତ ନିମନ୍ତେ ଆସକ୍ତ ବୋଲି ଜାଣିପାରୁ। ଏହି ଯୁବକ ଯୀଶୁଙ୍କ ନିକଟକୁ ଦୌଡି ଆସି ଆଣ୍ଠୁପାତି, ତାହାଙ୍କୁ ଅନନ୍ତଜୀବନ ପ୍ରାପ୍ତ ହେବା ନିମନ୍ତେ କଅଣ କରିବାକୁ ହେବ ବୋଲି ପ୍ରଶ୍ନ କରିଥିଲେ। କିନ୍ତୁ ସେ ଶିଷ୍ୟତ୍ୱର ମୂଲ୍ୟ ହେବାକୁ ପ୍ରସ୍ତୁତ ନଥିଲେ। ସେ ବିମୁଖ ହୋଇ ଯୀଶୁଖ୍ରୀଷ୍ଟଙ୍କ ଠାରୁ ବିମୁଖ ହୋଇଥିଲେ।

### ଧନୀ ଯୁବକର ପ୍ରଶଂସନୀୟ ଗୁଣ :-

ଏହି ଯୁବକ ଅନନ୍ତଜୀବନ ନିମନ୍ତେ ଆକାଂକ୍ଷିତ ଥିଲେ। ସେ ଯୁବାବସ୍ଥାରେ ଜ୍ଞାନୀ ଶଲୋମନଙ୍କ ଉପଦେଶ ଅନୁସରଣ କରୁଥିଲେ। "ଆଉ, ତୁମ୍ଭେ ଯୌବନକାଳରେ ଆପଣା ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କର, ଯେହେତୁ ଦୁଃଖମୟ ଆସୁଅଛି, ଯେଉଁ ସବୁ ବର୍ଷରେ ତୁମ୍ଭେ କହିବ, ଏ ସବୁରେ ମୋହର କିଛି ସୁଖ ନାହିଁ,...।" (ଉପଦେଶକ ୧୨:୧)।

ଆପଣା ଜୀବନର ଶେଷଦଶା ପର୍ଯ୍ୟନ୍ତ ଅପେକ୍ଷା ନକରି, ଭାବିଜୀବନ ବିଷୟରେ ଚିନ୍ତିତ ଥିଲେ । ଯୁବାବସ୍ଥାରେ ସେ ସ୍ୱର୍ଗୀୟ ସମ୍ପଦର ଅନୁସନ୍ଧାନ କରିଥିଲେ । ତାହାଙ୍କ ଏହି ଗୁଣ ପ୍ରଶଂସନୀୟ । ଆଜିର ଯୁବାମାନେ କି ଆପଣା ଭାବି ନିମନ୍ତେ ଚିନ୍ତିତ ଅଟନ୍ତି ? ଆଜିର ଯୁବକମାନେ ଅନନ୍ତଜୀବନ ବିଷୟରେ ଆସକ୍ତ ହେଲେ ହେଁ, "ଅନନ୍ତଜୀବନର ନିର୍ଝର ଖ୍ରୀଷ୍ଟଙ୍କ ନିକଟକୁ ଅନୁସରଣ କରୁ ନାହାନ୍ତି ।"

ସେ ଅଧକ୍ଷ ସୁଦକ୍ଷ ବ୍ୟକ୍ତି ଥିଲେ । ଲୂକ ତାହାଙ୍କୁ ଏକ ଅଧକ୍ଷ (ଅଧିକାରୀ) ରୂପେ ପରିଚିତ କରାନ୍ତି । ସେ ଏକ ସୁଦକ୍ଷ ବ୍ୟକ୍ତି ଥିବାରୁ, ଯୁବାବସ୍ଥାରେ ଏକ ଉଚ୍ଚପଦବୀ ପ୍ରାପ୍ତ ହୋଇଥିଲେ । ଏପରି ପଦବୀ କେବଳ ବୟୋବୃଦ୍ଧମାନେ ପାଇଥା'ନ୍ତି, କିନ୍ତୁ ଏହି ଯୁବକ ଏକ ଉଚ୍ଚପଦବୀର ଅଧିକାରୀ ଥିଲେ ।

ସେ ଏକ ପ୍ରଭାବଶାଳୀ ବ୍ୟକ୍ତି ଥିଲେ । ଅନ୍ୟମାନଙ୍କ ଉପରେ ତାହାଙ୍କ ପ୍ରଭାବ ଅତ୍ୟଧିକ ଥିଲା । ସେ ଯୀଶୁଙ୍କ ଉପଦେଶ ଅନୁସରଣ କରିଥିଲେ । ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଅନେକ ଆତ୍ମାଙ୍କୁ କଢ଼ାଇ ନେଇ ପାରିଥା'ନ୍ତି ।

ସେ ଏକ ଧନବାନ ଯୁବକ । ତାହାଙ୍କ ଧନ ସମ୍ପଦ ବଂଶଗତ କିଅବା ସ୍ୱପାର୍ଜିତ ବାକ୍ୟରେ ଲିଖିତ ହୋଇନାହିଁ । ସେ ଏକ ସୁଚରିତ୍ରମାନ ଯୁବକ ଥିଲେ । ସେ ଦୌଡି ଆସି, ଜାନୁପାତି ଯୀଶୁଖ୍ରୀଷ୍ଟଙ୍କ ପ୍ରଶ୍ନ କରିବାରେ, ତାହାଙ୍କ ଏହି ସୁଗୁଣ ବିଷୟରେ ଜାଣିପାରୁ । ସେ ନିଁଜେ ଏକ ଧନବାନ ଅଧିକାରୀ ହେଲେ ହେଁ, ଯୀଶୁଖ୍ରୀଷ୍ଟଙ୍କ ଠାରେ ଆପଣା ନମ୍ରତା ପ୍ରକାଶ କରିଥିଲେ । ଅର୍ଥାତ୍ ଯୀଶୁଖ୍ରୀଷ୍ଟ ଯେ ଏକ ଐଶ୍ୱରିକ ବ୍ୟକ୍ତି ଏହା ସେ ଜ୍ଞାତ ଥିଲେ । ଦ୍ୱିତୀୟ, ତାହାଙ୍କ ଅନନ୍ତଜୀବନର ତୃଷ୍ଣା ମେଣ୍ଟାଇବା ନିମନ୍ତେ, ଅନନ୍ତଜୀବନର ନିର୍ଝର ନିକଟକୁ ଆସିଥିଲେ । ତୃତୀୟ, ସେ ଇହଜୀବନର ସମାପ୍ତି ପରେ ଭାବିଜୀବନ ବିଷୟରେ ବିଶ୍ୱାସ କରୁଥିଲେ, ଅର୍ଥାତ୍ ସେ ଜଣେ ସାଦ୍ଦୁକୀ ନଥିଲେ ।

ସେ ଯୀଶୁଙ୍କୁ 'ସଦ୍‌ଗୁରୁ' ବୋଲି ସମ୍ବୋଧନ କରିବାରୁ, ଯୀଶୁ କହିଲେ, "... ମୋତେ ସଦ୍ ବୋଲି କାହିଁକି କହୁଅଛ ? ଜଣଙ୍କ ବିନା ଅର୍ଥାତ୍ ଈଶ୍ୱରଙ୍କ ବିନା କେହି ସତ୍ ନୁହେଁ ।" (ମାର୍କ ୧୦:୧୮) । କେବଳ "ଈଶ୍ୱର ସତ୍ୟ" ଯୀଶୁ ସତ୍ୟ ହୋଇଥିବାରୁ ସେ ଈଶ୍ୱର ଅଟନ୍ତି ବୋଲି ପରକ୍ଷଭାବେ କହନ୍ତି । ସେ ନରରୂପ ଧାରଣକାରୀ ଜଗତର ପରିତ୍ରାଣକର୍ତ୍ତା । ବାକ୍ୟରୂପ ପରମେଶ୍ୱର ଅଟନ୍ତି । (ମାଥିଉ ୧୬:୧୬, ଯୋହନ ୧:୧-୩, ମାଥିଉ ୧:୨୧, ଯୋହନ ୩:୧୬-୧୮) ।

ଧନୀ ଯୁବକଙ୍କ ପ୍ରଶ୍ନର ଉତ୍ତର ଦେଇ ପ୍ରଭୁ କହିଲେ, "ଆଜ୍ଞା ଗୁଡ଼ିକ ତ ତୁମ୍ଭେ ଜାଣ, ନରହତ୍ୟା କର ନାହିଁ, ବ୍ୟଭିଚାର କର ନାହିଁ, ଚୋରି କର ନାହିଁ, ମିଥ୍ୟା ସାକ୍ଷୀ

ଦିଅ ନାହିଁ, ପ୍ରଭଞ୍ଜନା କର ନାହିଁ, ଆପଣା ପିତାମାତାଙ୍କୁ ସମାଦର କର ।" (ମାର୍କ ୧୦:୧୯) । କିନ୍ତୁ ଏହି ଆଜ୍ଞାସକଳ ଦଶ ଆଜ୍ଞାର ଅନ୍ତର୍ଭୁକ୍ତ । କିନ୍ତୁ ଏହି କେବଳ ଏହି ଆଜ୍ଞା ପାଳନ କରିବା ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁତ୍ଥାନ ପରେ, ମନୁଷ୍ୟ ଅନନ୍ତ ଜୀବନର ଅଧିକାରୀ ହୋଇପାରେ ନାହିଁ । (ଏଫିସୀ ୨:୧୪-୧୬, କଲସୀ ୨:୧୪-୧୬, ଏବ୍ରୀ ୧୦:୯) । ଆମ୍ଭେମାନେ ଖ୍ରୀଷ୍ଟଙ୍କ ନୂତନ ନିୟମାଧିନ, କିନ୍ତୁ ମୋଶାଙ୍କ ବ୍ୟବସ୍ଥାଧୀନ ନୋହୁଁ । ଆମ୍ଭେମାନେ ଧନୀ ଯୁବକ ସଦୃଶ୍ୟ ପୁରାତନ ବ୍ୟବସ୍ଥାଧୀନ ନୋହୁଁ । ଧନୀ ଯୁବକ ସେ ବାଲ୍ୟକାଳରୁ ଏହି ଆଜ୍ଞାସକଳ ପାଳନ କରି ଆସୁ ଅଛନ୍ତି ବୋଲି ଉତ୍ତର ଦେଇଥିଲେ । ସେ ଅନନ୍ତଜୀବନର କେତେ ନିକଟବର୍ତ୍ତୀ ଥିଲେ ।

## କଠିନ ପରୀକ୍ଷା :-

ସର୍ବାନ୍ତକରଣ ଜ୍ଞାତ ତ୍ରାଣକର୍ତ୍ତା ତାହାଙ୍କୁ ଏକ ଦୃଷ୍ଟିରେ ଚାହିଁ, ତାହାଙ୍କୁ ସ୍ନେହ କରି କହିଲେ, "... ତୁମ୍ଭର ଗୋଟିଏ ବିଷୟ ଊଣା ଅଛି, ତୁମ୍ଭେ ଯାଇ ଆପଣାର ସ୍ୱର୍ବସ୍ୱ ବିକ୍ରୟ କରି ଦରିଦ୍ରମାନଙ୍କୁ ଦାନ କର, ଆଉ ତୁମ୍ଭେ ସ୍ୱର୍ଗରେ ଧନ ପାଇବ, ପୁଣି ଆସି ମୋହର ଅନୁଗମନ କର ।" (ମାର୍କ ୧୦:୨୧) । ସେ କେଉଁ ବିଷୟରେ ଊଣା ଅଛନ୍ତି, ସେ ଜାଣିବାକୁ ଇଚ୍ଛୁକ ହେଲେ, କିନ୍ତୁ ସର୍ବସ୍ୱ ଦରିଦ୍ରମାନଙ୍କୁ ଦାନ ଦେବା ବିଷୟ ତାହାଙ୍କ ହୃଦୟରେ ଅସନ୍ତୋଷ ଭରିଗଲା । ତାହାଙ୍କ ଅତୁରତା, ଆସକ୍ତି ଆତୁର ହୋଇ ତାହାଙ୍କ ମୁଖ ମଳିନ ହୋଇଗଲା ଓ ସେ ଯୀଶୁଖ୍ରୀଷ୍ଟଙ୍କୁ ପରିତ୍ୟାଗ କରି ପ୍ରସ୍ଥାନ କରିଥିଲେ । ସତ୍ୟ ଜାଣିବା ନିମନ୍ତେ ଆତୁର ସହ ଦୌଡି ଆସିଥିଲେ । କିନ୍ତୁ ଏହି ଜାଗତିକ ସମ୍ପଦ ପରିତ୍ୟାଗ କରିବାକୁ ଅନୁଚ୍ଛୁକ, ଧନୀ ଯୁବକ ଜୀବନର ନିର୍ଝର ପରିତ୍ୟାଗ କରି ଜଗତକୁ ଫେରି ଯାଇଥିଲେ । ଯେ କି ଜୀବନରେ ଆଗେଇ ଯିବାକୁ ଆସିଥିଲେ । ସେ ଜୀବନରେ ପଛେଇ ଯାଇଥିଲେ । ସେ ସତ୍ୟଠାରୁ ଅଧିକଭାବେ ଏହି ଜଗତକୁ ପ୍ରେମ କରିଥିଲେ । ପରମେଶ୍ୱରଙ୍କ ଠାରୁ ଅଧିକଭାବେ ଏହି ଜୀବନର ସୁଖକୁ ପ୍ରେମ କରେ ଫେରି ଯାଇଥିଲେ ।

ଭାବବାଦୀ ଇଲିଶାୟଙ୍କ ଗୃହରୁ ନମାନ କ୍ରୁଦ୍ଧ ହୋଇ ଫେରିଯିବା କିଅବା କୁଶଦେଶୀୟ ନପୁଂସକଙ୍କ ସଦୃଶ୍ୟ ସେ ଯାଇ ନଥିଲେ, ଲେଖାଯାଏ, "... ତାଙ୍କ ମୁଖ ମଳି ନ ହୋଇଗଲା ଓ ସେ ଦୁଃଖିତ ହୋଇ ଚାଲିଗଲେ ।" (ମାର୍କ ୧୦:୨୧) । ଯୀଶୁ କହିଲେ ମନୁଷ୍ୟ ଈଶ୍ୱର ଓ ଧନର ଦାସ ହୋଇପାରେ ନାହିଁ । ଏହି ଘଟଣାରେ ଧନୀ ଯୁବକଙ୍କ ପ୍ରସ୍ଥାନ ଶୟତାନର ବିଜୟ । ତାହାଙ୍କ ପଶ୍ଚାଦ୍‌ଗମନ ତାହାଙ୍କ ବିନାଶର କାରଣ ।

ଯୀଶୁ ତାହାଙ୍କୁ ପଛାରୁ ଡାକି ନ ଥିଲେ । ସେ ତାହାଙ୍କ ଆଜ୍ଞା ସହଜ କରି ନଥିଲେ । ଏପରି ଧନୀ ଲୋକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବା ଅପେକ୍ଷା ସ୍ୱର୍ଗୀୟ ଛିଦ୍ର ଦେଇ ଓଟର ପ୍ରବେଶ କରିବା ସହଜ ବୋଲି ଲୂକ ୧୮:୨୫ରେ ପଢ଼ିଥାଉଁ ।

ବର୍ତ୍ତମାନ ଆମ୍ଭେମାନେ ନୂତନ ନିୟମାଧିନ । ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କରୁ, ବିଶ୍ୱାସ କରି ମନପରିବର୍ତ୍ତନ, ସ୍ୱୀକାର ଓ ବାପ୍ତିଜିତ ହେବା ଦ୍ୱାରା ଖ୍ରୀଷ୍ଟଙ୍କ ଶରୀରରୂପ ତାହାଙ୍କ ମଣ୍ଡଳୀର ସଭ୍ୟ ହୋଇ ପାରିବା । ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କଲେ, ଅନନ୍ତ ଜୀବନ ପ୍ରାପ୍ତ ହେବା ।

**- Robert R. Taylor Jr.**

❋❋❋

# ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ
## (I am not Ashamed)

ଯୀଶୁ କହିଲେ, "ଯେଣୁ ଯେ କେହି ଏହି କାଳର ବ୍ୟଭିଚାରୀ ଓ ପାପିଷ୍ଠ ଲୋକମାନଙ୍କ ମଧ୍ୟରେ ମୋହର ଓ ମୋହର ବାକ୍ୟ ବିଷୟରେ ଲଜ୍ଜାବୋଧ କରେ, ମନୁଷ୍ୟ ପୁତ୍ର ଯେତେବେଳେ ପବିତ୍ର ଦୂତମାନଙ୍କ ସହିତ ଆପଣା ପିତାଙ୍କ ମହିମାରେଆଗମନ କରିବେ, ସେତେବେଳେ ସେ ମଧ୍ୟ ତାହା ବିଷୟରେ ଲଜ୍ଜା ବୋଧ କରିବେ ।" (ମାର୍କ ୮:୩୮) ।

ପ୍ରେରିତ ପାଉଲ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଅନେକ କଷ୍ଟ ଓ ନିନ୍ଦା ସହ୍ୟ କରିଥିଲେ । କିନ୍ତୁ ସେ କେବେ ବି ସୁସମାଚାର ନିମନ୍ତେ ଲଜ୍ଜିତ ନଥିଲେ । (୨ ତୀମଥି ୧:୧୨) । ରୋମୀୟ କାରଗାରରେ ବନ୍ଦୀ ପ୍ରେରିତ ପାଉଲ ବିଷୟରେ, ଅନୀସିଫର ଲଜ୍ଜିତ ନଥିଲେ । (୧୬ମ) । ଖ୍ରୀଷ୍ଟିୟାନ ନାମ ଧାରଣ କରିବାକୁ ଲଜ୍ଜିତ ନହେଉଁ । (୧ମ ପିତର ୧୪:୧୬) ।

(୧) ଆମ୍ଭେମାନେ ନିମ୍ନଲିଖିତ ବିଷୟ ଗୁଡିକରେ ଲଜ୍ଜିତ ନ ହେଉ । "ଖ୍ରୀଷ୍ଟଙ୍କ ସୁସମାଚାର ନିମନ୍ତେ ଆମ୍ଭେମାନେ ଲଜ୍ଜିତ ନ ହେଉଁ । କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୂଦୀ ପକ୍ଷରେ, ଆଉ ମଧ୍ୟ ଗ୍ରୀକ୍ ପକ୍ଷରେ... ।" (ରୋମୀୟ ୧:୧୬) ।

ଅନୁଗ୍ରହର ଯୁଗର ସଦାପ୍ରଭୁ ମନୁଷ୍ୟମାନଙ୍କୁ ସ୍ୱପ୍ନ କିଅବା ଦର୍ଶନ, କିଅବା ଅନ୍ୟ କୌଣସି ଭାବେ ମନୁଷ୍ୟମାନଙ୍କୁ ପରିତ୍ରାଣ ଆସେ ନାହିଁ । ବାଇବଲରେ ଲିଖିତ ସୁସମାଚାର ବ୍ୟତୀତ ଅନକେ 'ସମାଚାର' ଏହି ଜଗତରେ ପ୍ରଚଳିତ ହେଉଅଛି । (ଗାଲିତି ୧:୬-୧୦) । ଅନେକ ଅନୁସରଣ କରୁଥିବା ସୁସମାଚାର ବାଇବଲରେ ଲିଖିତରେ ଅଛି କି ନାହିଁ ପରୀକ୍ଷା କରିବା ଆବଶ୍ୟକ ।

(୨) ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ବିଷୟର ଲଜ୍ଜାବୋଧ ନ କରୁ । Ferdinand ନାମକ ଅଧିପତିଙ୍କ ଆଦେଶରେ ଅଗଷ୍ଟ ୮ ତାରିଖ ୧୬୦୦ ମସିହାରେ Striemark ଦେଶରେ ୧୦,୦୦୦ ବାଇବଲର ବିନଷ୍ଟ କରାଯାଇଥିଲେ । ୧୬୩୭ ମସିହାରେ ୬୦,୦୦୦ Bohemia ଦେଶରେ ବିନଷ୍ଟ କରାଯାଇଥିଲା । ଏହିପରି ଈଶ୍ୱରଙ୍କ ବାକ୍ୟକୁ ବିନଷ୍ଟ କରିବାକୁ ଅନେକେ ଚେଷ୍ଟା କରିଥିଲେ ଏବଂ ବର୍ତ୍ତମାନ ସୁଦ୍ଧା କରି ଆସୁଅଛନ୍ତି । ଏପରି ଏକ ବର୍ଗର ପ୍ରଚାରମାନେ ଅଛନ୍ତି, ଯେଉଁମାନେ ସେମାନେ ବିଶ୍ୱାସ କରୁ ନଥିବା ବାକ୍ୟ ପ୍ରଚାର କରୁଅଛନ୍ତି । ବାଇବଲର ସିଦ୍ଧାନ୍ତ ଏହି ବର୍ତ୍ତମାନ ଯୁଗରେ ସତ୍ୟ ନୁହେଁ ବୋଲି ସେମାନେ ଦାବୀ କରନ୍ତି । ପ୍ରିୟ ପାଠକ, ଈଶ୍ୱରଙ୍କ ବାକ୍ୟ ବିଷୟରେ ଲଜ୍ଜିତ ନ ହୁଅ ।

(୩) ଖ୍ରୀଷ୍ଟଙ୍କ ମଣ୍ଡଳୀ ଅର୍ଥାତ୍ ତାହାଙ୍କ ରାଜ୍ୟ ବିଷୟରେ ଲଜ୍ଜିତ ନ ହେଉ । ଖ୍ରୀଷ୍ଟଙ୍କ ମଣ୍ଡଳୀ ପ୍ରସିଦ୍ଧ ପ୍ରାପ୍ତ ହୋଇ ନଥିଲା, କିନ୍ତୁ ପ୍ରସିଦ୍ଧି କରିବା ନିମନ୍ତେ ମଣ୍ଡଳୀର ସିଦ୍ଧାନ୍ତରେ, ପାଳନ ପଦ୍ଧତିରେ ଅନେକ ବିଷୟ ଯୋଗ କରାଯାଉଅଛି । ଉଦାହରଣ ସ୍ୱରୂପ :- ମଣ୍ଡଳୀରେ ଉପାସନାରେ ସ୍ତ୍ରୀମାନେ ଉପଦେଶ ଦେବା , ବାକ୍ୟ ସଙ୍ଗୀତ ଯୋଗ କରିବା ପ୍ରଭୃତି । କିନ୍ତୁ ଈଶ୍ୱରଙ୍କ ବାକ୍ୟରେ ସ୍ତ୍ରୀମାନେ ମୌନ ରହିବାକୁ ଆଦେଶିତ ହୋଇଅଛନ୍ତି । ମଣ୍ଡଳୀର ଉପାସନା ବିଷୟରେ, କିଅବା ପାଳନ ପଦ୍ଧତିରେ ଯୋଗ ବା ବିଯୋଗ କରିବାକୁ ମନୁଷ୍ୟକୁ ଅଧିକାର ଦିଆଯାଇନାହିଁ, କାରଣ ଖ୍ରୀଷ୍ଟ ହିଁ ମଣ୍ଡଳୀର ରକ୍ଷକ, ସ୍ଥାପକ, ପରିତ୍ରାଣକର୍ତ୍ତା ଅଟନ୍ତି ।

(୪) ବାକ୍ୟାନୁଯାୟୀ ଉପାସନା ପଦ୍ଧତି ବିଷୟରେ ଲଜ୍ଜିତ ନହେଉ । ମଣ୍ଡଳୀର ଉପାସନା ପଦ୍ଧତି ଦୈବିକ ଅଧିକାରଯୁକ୍ତ । ଏହା ଅପରିବର୍ତ୍ତନୀୟ (ପ୍ର.ବା. ୨୨:୧୮-୧୯, ଗାଲାତି ୧:୬-୧୦) । ଆମ୍ଭେମାନେ ସପ୍ତାହର ପ୍ରଥମ ଦିନରେ ଈଶ୍ୱରଙ୍କ ଉପାସନା ନିମନ୍ତେ ଏକତ୍ରିତ ହେଉ । ଉପାସନାରେ ବାକ୍ୟଧ୍ୟାନ, ଗୀତ ଗାୟନ, ପ୍ରାର୍ଥନା, ପ୍ରଭୁଭୋଜ ପାଳନ ଓ ଚାନ୍ଦାଦାନ କାର୍ଯ୍ୟକର୍ମ ନିର୍ବାହିକ ହୁଏ । (ପ୍ରେରିତ ୨:୪୨, ଏଫିସୀ ୫:୧୯, ୧ମ କରିନ୍ଥୀ ୬:୧-୨) । ଦୈବିକ ଆରାଧନା ପଦ୍ଧତି ସୁଧାରିବା କିଅବା ପରିବର୍ତ୍ତନ କରିବା ଅନାବଶ୍ୟକ । ଉ.ସ୍ୱ. :- ଯାନ୍ତ୍ରିକ ସଙ୍ଗୀତ ଉପାସନାରେ ବ୍ୟବହାର କରିବା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ପାତ୍ର ହେବୁ । (ପ୍ର.ବ. ୨୨:୧୮-୧୯) ।

(୫) ଆମ୍ଭେମାନେ ଖ୍ରୀଷ୍ଟିୟାନ ହେବାରୁ ଲଜ୍ଜାବୋଧ ନକରୁ । "ଏଣୁ ତୁମ୍ଭମାନଙ୍କ ମଧ୍ୟରୁ କେହି ହତ୍ୟାକାରୀ, କି ଚୋର, କି ଦୁରାଚାରୀ, କି ଅନଧିକାର ଚର୍ଚ୍ଚାକାରୀ ହୋଇ ଦଣ୍ଡ ଭୋଗ ନକରୁ । କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହୋବାରୁ ଦଣ୍ଡ ଭୋଗ କରେ ତାହା ହେଲେ ସେ ଲଜ୍ଜାବୋଧ ନକରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କରୁ ।" (୧ମ ପିତର ୪:୧୫-୧୬) । ଜାଗତିକ ଜୀବନଯାପନ କେତେ ଘୃଣାକାର ବିଷୟ । ଖ୍ରୀଷ୍ଟଙ୍କ ଠାରେ ଜୀବନ କେତେ ଆଶୀର୍ବାଦଯୁକ୍ତ ।

ଖ୍ରୀଷ୍ଟିୟାନ ରୂପେ ପରିଚିତ ହୋଇ, ଖ୍ରୀଷ୍ଟଙ୍କୁ ପରିଧାନ ନ କରି ଖ୍ରୀଷ୍ଟଙ୍କୁ ଅବମାନ କରୁ । ଯୁବକ ତୀମଥିଙ୍କୁ ପ୍ରେରିତ ପାଉଲ ଲେଖନ୍ତି, "ତୁମ୍ଭର ଯୌବନାବସ୍ଥା ସକାଶେ କେହି ତୁମ୍ଭଙ୍କୁ ତୁଚ୍ଛ ନକରୁ, କିନ୍ତୁ ବାକ୍ୟରେ, ଆଚରଣରେ, ପ୍ରେମରେ, ବିଶ୍ୱାସରେ ଓ ପବିତ୍ରତାରେ ବିଶ୍ୱାସୀମାନଙ୍କର ଆଦର୍ଶ ସ୍ୱରୂପ ହୁଅ ।" (୧ମ ତୀମଥି ୪:୧୨) । ଅଧ୍ୟକ୍ଷ, ସେବକ, ପ୍ରଚାରିକ, ଭାଇ ଓ ଭଉଣୀମାନେ ଖ୍ରୀଷ୍ଟଙ୍କୁ ଅନୁସରଣ ନକରି, ପାପମୟ ଜୀବନଯାପନ କରିବା ଲଜ୍ଜାକର ବିଷୟ । ଅନ୍ୟମାନଙ୍କ ନିମନ୍ତେ ଆଦର୍ଶମୟ ଜୀବନଯାପନ କରିବା ନିମନ୍ତେ ଲଜ୍ଜିତ ନହୁଅ । "କାରଣ ସମସ୍ତ ମାନବର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଅନୁଗ୍ରହ ପ୍ରକାଶିତ ହୋଇଅଛି । ପୁଣି, ଆମ୍ଭେମାନେ ଯେପରି ଅଧର୍ମ ଓ ସାଂସାରିକ ଅଭିଳାଷ ପରିତ୍ୟାଗ କରି ଏହି ବର୍ତ୍ତମାନ ଯୁଗରେ ସୁବୁଦ୍ଧି ଧାର୍ମିକ ଓ ଭକ୍ତଭାବରେ ଜୀବନଯାପନ କରୁଁ ।" (ତିତ-୨:୧୧-୧୨) ।

ପ୍ରିୟ ପାଠକ, ପରମେଶ୍ୱରଙ୍କ ଇଚ୍ଛା ପାଳନ କରିବାରେ ଲଜ୍ଜିତ ନହୁଅ । ଆଜି ହିଁ ପାଳନ କର ।

**- W.A. Holley**

❋❋❋

## ବଳିଠାରୁ ଶ୍ରେଷ୍ଠମୟ ବିଷୟ !

### (Things Greater than Sacrifice)

ସଦାପ୍ରଭୁ ସର୍ବଦା ଆପଣା ପ୍ରଜାମାନଙ୍କଠାରୁ ବଳି ଅର୍ପଣ ଇଚ୍ଛା କରନ୍ତି । ଖ୍ରୀଷ୍ଟଙ୍କ କ୍ରୁଶୀୟ ବଳିଦାନର ପ୍ରତିରୂପ ପଶୁବଳି ପୁରାତନ ବ୍ୟବସ୍ଥାର ସମୟରେ ଦିଆଯାଉଥିଲା । ବିଶ୍ୱସ୍ତମାନେ ଶ୍ରେଷ୍ଠ ମେଷ, ଛେଳି ଓ ବୃଷ ଅର୍ପଣ କରିବା ଆଜ୍ଞାପିତ ହୋଇଥିଲେ । ଏତଦ୍ବ୍ୟତୀତ ସେ ସବୁ ଅଗ୍ରାହ୍ୟ ହେଉଥିଲା ।

ଏହି ଅନୁଗ୍ରହର ଯୁଗରେ ସଦାପ୍ରଭୁ ବିଶ୍ୱାସମାନଙ୍କ ଠାରୁ ଆଶା କରୁଥିବା ବଳିଦାନ ଆତ୍ମୀୟ । "ଅତଏବ, ହେ ଭାଇମାନେ ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତୀ କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । (ରୋମୀୟ ୧୨:୧)" । ଆମ୍ଭେମାନେ ବିନିଯୋଗ କରିଥିବା ସମୟ, ଧନ ଓ ଆମ୍ଭମାନଙ୍କର ଜୀବନ ତାହାଙ୍କ ଉଦ୍ଦେଶ୍ୟରେ ଅର୍ପଣ କରୁ ।

ବଳିଦାନରୁ ଶ୍ରେଷ୍ଠତର ବିଷୟରେ ଆମ୍ଭେମାନେ ପବିତ୍ର ବାଇବଲରେ ପଢ଼ିଥାଉଁ । ଇଶ୍ରାଏଲ ଦେଶର ପ୍ରଥମ ରାଜାଙ୍କୁ, ଆମାଲୋକ ବିରୁଦ୍ଧରେ ଯୁଦ୍ଧ କରି ବର୍ଜିତ ବିନାଶ କରିବା ନିମନ୍ତେ ଆଜ୍ଞା ଦିଆଯାଇଥିଲା । "ଏବେ ତୁମ୍ଭେ ଯାଇ ଆମାଲେକଙ୍କୁ ଆଘାତ କର ଓ ସେମାନଙ୍କର ସର୍ବସ୍ୱ ବିନାଶ କର ଓ ସେମାନଙ୍କୁ ଦୟାକର ନାହିଁ, ମାତ୍ର ପୁରୁଷଠାରୁ ସ୍ତ୍ରୀ ପର୍ଯ୍ୟନ୍ତ, ବାଳକଠାରୁ ସ୍ତନ୍ୟପାୟୀ ଶିଶୁ ପର୍ଯ୍ୟନ୍ତ, ଗୋରୁ ଠାରୁ ମେଷ ପର୍ଯ୍ୟନ୍ତ ଓଟ ଠାରୁ ଗଧ ପର୍ଯ୍ୟନ୍ତ ସମସ୍ତଙ୍କୁ ବଧ କର ।" (୧ମ ଶାମୁଏଲ ୧୫:୩) । ରାଜା ଶାଉଲ ଓ ତାହାଙ୍କ ସୈନ୍ୟଦଳ ସେ ଦେଶକୁ ଆଘାତ କରି, ରାଜା ଆଗତ ବ୍ୟତୀତ ଦେଶବାସୀ ପ୍ରତ୍ୟେକଙ୍କୁ ବର୍ଜିତ ରୂପେ ବିନାଶ କଲେ । କିନ୍ତୁ ରାଜା ଆଗାପ ଓ ଉତ୍ତମ ମେଷ, ଉତ୍ତମ ଗୋରୁ ହୃଷ୍ଟପୃଷ୍ଟ ବାଛୁରୀ, ମେଷଛୁଆ ଓ ଯାବତୀୟ ଉତ୍ତମ ବସ୍ତୁ ପ୍ରତି ଦୟା କରି ସେମାନଙ୍କୁ ଲଜ୍ଜିତଭାବେ ବିନାଶ ନ କରି ଯିରୁଶାଲମକୁ ନେଇ ଆସିଥିଲେ । ସେ ଯୁଦ୍ଧରେ ବିଜୟୀ ହେବାରୁ ଶାମୁୟେଲ ତାହାଙ୍କୁ ଅଭିନନ୍ଦନ ଜଣାଇବେ ବୋଲି ସେ ଆଶା କରୁଥିଲେ । କିନ୍ତୁ ଶାମୁୟେଲ କହିଲେ, "... ତେବେ ମୋ କର୍ଣ୍ଣରେ ଯେ, ମେଷରବ ହେଉଛନ୍ତି ଓ ମୁଁ ଯେ ଗୋରୁ – ରବ ଶୁଣୁଅଛି । ଏଥିର ଅର୍ଥ କଅଣ ? ତହୁଁ ଶାଉଲ କହିଲେ, ସେମାନେ ଅମାଲେକୀୟ ମାନଙ୍କଠାରୁ ସେ ସବୁ ଆଣିଛନ୍ତି । କାରଣ ସଦାପ୍ରଭୁ ତୁମ୍ଭ ପରମେଶ୍ୱଙ୍କ ଉଦ୍ଦେଶ୍ୟରେ ବିଳଦାନ କରିବା ନିମନ୍ତେ ଲୋକମାନେ ଉତ୍ତମ ଉତ୍ତମ ମେଷ ଓ ଗୋରୁ ପ୍ରତି ଦୟା କଲେ । ...ଯେପରି ସଦାପ୍ରଭୁଙ୍କ ରବ ଶୁଣିବାରେ, ସେପରି କି ହୋମ ଓ ବଳିଦାନରେ ସଦାପ୍ରଭୁଙ୍କର ସନ୍ତୋଷ ହୁଅନ୍ତି ? ଦେଖ, ଶୁଣିବା ବଳିଦାନ ଠାରୁ ଓ ମନୋଯୋଗୀ ହେବା ମେଷମେଦ ଠାରୁ ଉତ୍ତମ ।" (୧ମ ଶାମୁୟେଲ ୧୫:୧୪-୨୨) ।

ସୃଷ୍ଟି ଆରମ୍ଭରୁ ସଦାପ୍ରଭୁଙ୍କଠାରୁ ସଂପୂର୍ଣ୍ଣ ଆଜ୍ଞାବହତା ଲୋଡନ୍ତି । ଆନାଜ୍ଞାବହତା କିଅବା ଆଂଶିକଭାବେ ଆଜ୍ଞାବହ ସଦାପ୍ରଭୁଙ୍କ ଗ୍ରାହ୍ୟଯୋଗ୍ୟ ନୁହେଁ । ଜଣେ ଅନେକ ବଳିଦାନ ଦେଲେ, କିଅବା ଆପଣା ଶରୀରକୁ ଦାହନ ବଳିରୂପେ ଦେଲେ ସୁଦ୍ଧା, ହୃଦୟସହ

ସଦାପ୍ରଭୁଙ୍କ ଆଜ୍ଞାପାଳନ ନକଲେ ସମସ୍ତ ବୃଥା ।

ଭାବବାଦୀ ହୋଶେୟ, ବଳିଦାନଠାରୁ ଦୁଇଟି ବିଷୟ ଶ୍ରେଷ୍ଠ ବୋଲି ୧ମ: ୬ ପଦରେ କହି ଅଛନ୍ତି । ଯାହା କହେ, "ବଳିଦାନ ନୁହେଁ, ମାତ୍ର ଦୟା ଓ ହୋମ ଅପେକ୍ଷା ପରମେଶ୍ୱର ବିଷୟକ ଜ୍ଞାନ ବାସନା କରୁ ।"

ପ୍ରଜାମାନେ ସମୂହିତଭାବେ ଆଜ୍ଞା ପ୍ରକାରେ ଉପାସନା କରୁଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକେ, ଏବଂ ଯାଜକମାନେ ସୁଦ୍ଧା ଘୋରପାପୀ ଥିଲେ । ସେମାନଙ୍କ ମଧ୍ୟରୁ ଅନେକେ ଡକାୟିତ ଓ ଅନେକେ ନରହତ୍ୟାକାରୀ । ଅର୍ଥାତ ସେମାନଙ୍କୁ ସଦାପ୍ରଭୁ ବିଷୟକ ଜ୍ଞାନ ଓ ଭୟର ଅଭାବ ଥିଲା । ଜ୍ଞାନ ବିହୀନତା ସେମାନଙ୍କ ଜୀବନରେ କାର୍ଯ୍ୟକଳାପରେ ପ୍ରସ୍ଫୁଟିତ ହୋଇଥିଲା ।

ଭାବବାଦୀ ମୀଖାଙ୍କ ସମୟରେ ସୁଦ୍ଧା ଏପରି ସମସ୍ୟା ଥିଲା । ତାହାଙ୍କ ଲେଖନୀ କହେ, "ଆମ୍ଭେ କଅଣ ଘେନି ସଦାପ୍ରଭୁଙ୍କ ସମ୍ମୁଖକୁ ଆସିବା ଓ ଉର୍ଦ୍ଧ୍ୱସ୍ଥ ପରମେଶ୍ୱରଙ୍କ ସମ୍ମୁଖରେ ପ୍ରଣାମ କରିବା ? ଆମ୍ଭେ କି ହୋମବଳି ରୂପେ ଏକ ବର୍ଷୀୟ ଗୋବତ୍ସମାନ ନେଇ ତାହାଙ୍କ ସମ୍ମୁଖକୁ ଆସିବା ? ସହସ୍ର ସହସ୍ର ମେଷରେ ଅବା ଅଯୁତ ଅଯୁତ ତୈଳର ନଦୀରେ ସଦାପ୍ରଭୁ ସଦାପ୍ରଭୁ କି ପ୍ରସନ୍ନ ହେବେ ? ଆମ୍ଭେ ଆପଣା ଆଜ୍ଞାଲଙ୍ଘନ ସକାଶେ କି ଆପଣା ପ୍ରଥମ ଜାତକୁ, ଆତ୍ମ ପ୍ରାଣର ସକାଶେ କି ଆପଣା ଶରୀରର ଫଳ ଦାନ କରିବା ? ହେ ମନୁଷ୍ୟ, ଯାହା ଉତ୍ତମ, ତାହା ସେ ତୁମ୍ଭକୁ ଜଣାଇ ଅଛନ୍ତି; ନ୍ୟାୟଚରଣ, ଦୟା ଭଲ ପାଇବା ଓ ନମ୍ରଭାବରେ ତୁମ୍ଭ ପରମେଶ୍ୱରଙ୍କ ସହିତ ଗମନାଗମନ କରିବାର, ଏହାଛଡା ସଦାପ୍ରଭୁ ତୁମ୍ଭଠାରୁ ଆଉ କଅଣ ଚାହାନ୍ତି ?" (୬:୬-୮)

ଆଧୁନିକ ଭାଷାରେ ସଦାପ୍ରଭୁଙ୍କୁ ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରେମ କରି, ସପ୍ତାହରେ ପ୍ରଥମ ଦିନରେ ସମାବେଶ ହୋଇ ଗୀତଗାୟନ, ପ୍ରାର୍ଥନା, ବାକ୍ୟଧ୍ୟାନ, ପ୍ରଭୁଭୋଜି ପାଳନ ଚାନ୍ଦା ଦେବାରେ ପ୍ରୟୋଜନ ନାହିଁ ! ନମ୍ରତା ସହ ସଦାପ୍ରଭୁଙ୍କ ପରିଚର୍ଯ୍ୟା କରୁ, ଅନ୍ୟମାନେ ଆପଣଙ୍କ ପ୍ରତି ଯାହାସବୁ କରନ୍ତୁ ବୋଲି ଇଚ୍ଛା କର, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହି ସବୁ କର, ଆପଦରେ ଥିବା ମନୁଷ୍ୟମାନଙ୍କୁ ସାହାଯ୍ୟ କର । ଖ୍ରୀଷ୍ଟଧର୍ମ ଏକ ବିଶ୍ୱାସ ଓ କର୍ମର ପଥ ।

ବଳିଦାନଠାରୁ, ଆଜ୍ଞାବହତା, ଦୟା ଓ ପରମେଶ୍ୱରଙ୍କ ବିଷୟକ ଜ୍ଞାନ ଶ୍ରେଷ୍ଠତର ।

- Roy Beasleyx

❋❋❋

# ମୋହର ତ୍ରାଣକର୍ତ୍ତା ଏହି ଜଗତକୁ କାହିଁକି ଆସିଥିଲେ ?
## (Why did my Saviour come to earth)

ମୋହର ତ୍ରାଣକର୍ତ୍ତା ଏହି ଜଗତକୁ ଆସିଥିଲେ, କାରଣ "କାରଣ ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରକୁ ଦାନ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।" (ଯୋହନ ୩:୧୬) । ସମୁଦାୟ ଜଗତର ପାପମୋଚନ ନିମନ୍ତେ ପିତା ପରମେଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରକୁ ଏହି ଜଗତକୁ ପ୍ରେରଣ କରିଥିଲେ । (ଏବ୍ରୀ ୨:୯) ।

ଯୀଶୁ ଏହି ଜଗତରେ ତାହାଙ୍କ ଅବତରଣ ବିଷୟରେ କହନ୍ତି, "କାରଣ ଯାହା ହଜିଅଛି. ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟ ପୁତ୍ର ଆସିଅଛନ୍ତି ।" (ଲୂକ ୧୯:୧୦) । ସେ ବ୍ୟବସ୍ଥାଧିନମାନଙ୍କୁ ମୁକ୍ତ କରିବା ନିମନ୍ତେ ଏହି ଜଗତକୁ ଆସିଥିଲେ । "କିନ୍ତୁ କାଳ ସଂପୂର୍ଣ୍ଣ ହୁଅନ୍ତି ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ, ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧିନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ ।" (ଗାଲାତି ୪:୪-୫) । ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ବ୍ୟବସ୍ଥା ଆମ୍ଭମାନଙ୍କର ଶିକ୍ଷକ ସ୍ୱରୂପ ଥିଲା । ତାହାଙ୍କ ଆଗମନ ପରେ ଶିକ୍ଷକଙ୍କର ଆବଶ୍ୟକତା ନାହିଁ । "ବିଧି ବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ପତ୍ର ଥିଲା, ତାହା ସେ ଲୋପ କରି ସେ ଲୋପ କରି କ୍ରୁଶରେ ଟଙ୍ଗାଇଦେଇ ଆମ୍ଭମାନଙ୍କ ପଥରୁ ଦୂର କରି ଦେଇ ଅଛନ୍ତି ।" (କଲସୀ ୨:୧୪, ୨ୟ କରିନ୍ଥୀ ୩:୧୪-୧୫) । ଆମ୍ଭମାନଙ୍କ ପାପରୁ ମୁକ୍ତ କରିବା ନିମନ୍ତେ ସେ ଏହି ଜଗତକୁ ଆସିଥିଲେ । "ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃ ପୁରୁଷମାନଙ୍କ ଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାର ବ୍ୟାବହାରରୁ ରୁପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନହୋଇ, ବରଂ ନିଖୁଣ ଓ ନିଷ୍କଳଙ୍କ ମେଷଶାବକ ସଦୃଶ୍ୟ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛ ।" (୧ମ ପିତର ୧:୧୮-୧୯) । ଆମ୍ଭେମାନେ ମୂଲ୍ୟ ଦୋଇ କ୍ରୀତ ପ୍ରଜା, ଆମ୍ଭେମାନେ ଆମ୍ଭମାନଙ୍କର ନିଜର

ନୋହୁଁ, ବରଂ ଖ୍ରୀଷ୍ଟଙ୍କର । (୧ମ କରିନ୍ଥୀ ୬:୨୦) । ସେ ଆମ୍ଭମାନଙ୍କୁ କିଣି ଥିବାରୁ ଆମ୍ଭେମାନେ ତାହାଙ୍କର ।

ମନୁଷ୍ୟମାନଙ୍କ ସିଦ୍ଧାନ୍ତ ଲୋପ କରିବାକୁ ଯୀଶୁଖ୍ରୀଷ୍ଟ ଏହି ଜଗତକୁ ଆସିଥିଲେ । "ସାବଧାନ, କାଳେ କେହି ଖ୍ରୀଷ୍ଟଙ୍କ ଶିକ୍ଷାର ଅସଙ୍ଗତ ମନୁଷ୍ୟର ପରମ୍ପରାଗତ ଓ ଜଗତର ପ୍ରାଥମିକ ଶିକ୍ଷାନୁଯାୟୀ ଦର୍ଶନ ବିଦ୍ୟା ଓ ନିରର୍ଥକ ପ୍ରତାରଣା ଦ୍ୱାରା ତୁମ୍ଭମାନଙ୍କୁ ବନ୍ଦୀ କରିଦିଏ ।" (କଲସୀ ୨:୮) ।

ମୋହର ତ୍ରାଣକର୍ତ୍ତା ଆପଣା ମଣ୍ଡଳୀ ସ୍ଥାପନ କରିବା ନିମନ୍ତେ ଏହି ଜଗତକୁ ଆସିଥିଲେ । (ମାଥିଉ ୧୬:୧୮) । ଏହି ମଣ୍ଡଳୀ ନିରୁପିତ ସମୟରେ (ଯିଶାଇୟ ୨:୨), ନିରୁପିତ ନଗରରେ (ଲୂକ ୨୪:୪୭), ସଂପୂର୍ଣ୍ଣ ମୂଲ୍ୟ ଦେଇ (ପ୍ରେ.କା. ୨୦:୨୮), ସଠିକ୍ ମୂଳଦୁଆ (୧ମ କରିନ୍ଥୀ ୩:୧୧), ସ୍ଥାପିତ ହୋଇଥିଲା । ଏହି ମଣ୍ଡଳୀର ମସ୍ତକ ଖ୍ରୀଷ୍ଟ ଅଟନ୍ତି । (କଲସୀ ୧:୧୮) । ଏଥିର ନିୟମ ପରିତ୍ରାଣ ଦାୟକ (୨ୟ ଯୋହନ ୯) ।

ମନୁଷ୍ୟର ପାପକ୍ଷମା ନିମନ୍ତେ ପିତା ପରମେଶ୍ୱରଙ୍କ ସଂକଳ୍ପନୁଯାୟୀ ଯୀଶୁଖ୍ରୀଷ୍ଟ ଏହି ଜଗତକୁ ଆସିଥିଲେ । ସୁସମାଚାରର ଆଜ୍ଞାନୁଯାୟୀ ପାପୀମାନଙ୍କୁ ଈଶ୍ୱରଙ୍କ ବାକ୍ୟଶୁଣି ବିଶ୍ୱାସ, ମନପରିବର୍ତ୍ତନ ଓ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ସ୍ୱୀକାର କରି ବାପ୍ତିଜିତ ହେବା ଆବଶ୍ୟକ । କିନ୍ତୁ ଯେଉଁମାନେ ଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରନ୍ତି, ସେମାନେ ପରିତ୍ରାଣ ପ୍ରାପ୍ତ ହେବେ ନାହିଁ । ଏପରି ବ୍ୟକ୍ତିମାନଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ଆବିର୍ଭାବ ମାନେ ରଖେ ନାହିଁ । ପାପୀମାନେ ତାହାଙ୍କଠାରେ ବିଶ୍ୱାସ କରି, ଆଜ୍ଞାବହ ନ ହେଲେ ସେମାନଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ଜୀବନ ମରଣ ଓ ପୁନଃରୁଥାନ ବୃଥା ।

**- John Harris**

❋❋❋

**Edited & Published by : Kabita & Joshua Gootam**

# THE BIBLE, THE WORD OF GOD

## INTRODUCTION

1. Bible (Latin, Biblia) – The Book.
2. Truly The Book of books
3. 66 books – 40 writers – 1600 years in preparation
4. 39 books constitute the Old Testament , and 27 books constitute the New Testament.
5. Old Testament contains : 5 books of law, 12 books of history, 5 books of poetry, 5 books of major prophecy, 12 books of minor prophecy.
6. The New Testament has : 4 books known as the gospels, 1 book of history, 21 letters to churches and individuals, 1 book of prophecy.

## DISCUSSION

**I. From Whence Came This Masterpiece ?**

1. The atheist, infidel, and modernist say it is of man.
2. Many religionists say that part of it is of God and part of man.
3. Of a truth, it is of God. (2 Pet. 1:20, 21; Heb. 1:1)
4. It was given by inspiration. (2 Tim. 3:16,17)

a. No such book ever compiled, neither could have been over such a long period of time without contradiction, except God's unerring hand had guided it.

b. So-called 'modern day revelation' all fail this test.

**II. It is Eternal. (Matt. 24:35).**

1. Books of today and yester year come and go, but the Bible remains

**III. It is the only Authentic Record of Where Man came From. (Gen. 1:1-26).**

1. No other record can prove a beginning of man, neither successfully deny this record

**IV. It Alone Tells of the Destiny of Man (Rev. 20:15, 22:14)**

1. This destiny is predicated upon obedience or disobedience (2 Thess. 1:7-9, Matt. 7:21).

**V. The Word of God Shall Judge Mankind . (John 12:48).**

1. There is no escape of resurrection and judgment. (John 5:28,29)

**CONCLUSION :**

1. Man is a free moral agent to accept or reject the Word of God at his own will.
2. The only difference in accepting and rejection is the consequence. (Matt. 25:46).

**- J.P. Williams**

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)